# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୭ ନଭେମ୍ବର ୨୦୨୫ । ସୋମବାର


## ଜନଜାତୀୟ ଗୌରବ ଦିବସ ଓ ଭଗବାନ ବିର୍ସା ମୁଣ୍ଡା ଜନ୍ମ ଜୟନ୍ତୀ

**କେନ୍ଦ୍ରାପଡ଼ା,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭାବନରେ ଜନଜାତୀୟ ଗୌରବ ଦିବସ-୨୦୨୫ ଓ ଭଗବାନ ବିର୍ସା ମୁଣ୍ଡା ଜନ୍ମଜୟନ୍ତୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରୀଷ୍ଣ ଜେନା ଯୋଗ ଦେଇଥିଲା ବେଳେ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ରଶ୍ମିମଞ୍ଜରୀ ପ୍ରଧାନ ଜନଜାତି ସମୂହର ପ୍ରତିନିଧି ଭାବେ କାଲୁ ମାରାଣ୍ଡି ଓ ମକରା ଟୁଟୁ ଯୋଗ ଦେଇଥିଲେ । ବିର୍ସା ମୁଣ୍ଡା ଥିଲେ ଆଦିବାସୀମାନଙ୍କ ସ୍ୱାର୍ଥ, ସ୍ୱାଭିମାନ ଓ ଆତ୍ମପରିଚୟର ସୁରକ୍ଷା ପାଇଁ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ । ଧରିତି ଆବା ଭଗବାନ ବିର୍ସା ମୁଣ୍ଡଙ୍କ ୧୫୦ତମ ଜନ୍ମଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ପାଳନ କରିବାର ପରମ୍ପରା ସୃଷ୍ଟି କରି ଦେଶର ଆଦିବାସୀ ସମାଜକୁ ଏହାର ଇତିହାସ, ସଭ୍ୟତା, ସଂସ୍କୃତି ଓ ଆତ୍ମପରିଚୟକୁ ପୁଣି ଥରେ ସିଂହାବଲୋକନ କରିବାର ସୁଯୋଗ ସୃଷ୍ଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଭିଭାଷଣ ଆଭାସୀ ମାଧ୍ୟମରେ ବ୍ୟକ୍ତ କରିଥିଲେ । ବିର୍ସା ମୁଣ୍ଡାଙ୍କ ସଂଘର୍ଷର ସ୍ୱର୍ଣ୍ଣିମ କାହାଣୀ ସହ ଓଡିଶାର ବ୍ରିଟିଶ ବିରୋଧୀ ସଂଗ୍ରାମର ଆଦିବାସୀ ମହାନାୟକମାନଙ୍କୁ ମନେ ପକାଇ ସେମାନଙ୍କୁ ସ୍ମୃତିର ଅର୍ଘ୍ୟ ଦେବା ସହ ଆଦିବାସୀ ଜନଜାତିର ଉନ୍ନତି ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଓ ସମୃଦ୍ଧ ଓଡିଶା ଗଠନ କରିବାକୁ ମୁଖ୍ୟଅତିଥି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲାସ୍ତରୀୟ ଉତ୍ସବରେ ମହାକାଳପଡ଼ାର ମିଲି ମାଝୀଙ୍କୁ ଫୁଟବଲ ଖେଳ ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା । ଜନଜାତୀୟ ଗୌରବ ଦିବସ ପାଳନ ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଧନ୍ୟବାଦ ପ୍ରାଦନ କରିଥିଲେ ।

## ଆଶ୍ରମରେ ଭାଗବତ ସପ୍ତାହ ଉଦଯାପିତ

**କେନ୍ଦ୍ରାପଡ଼ା,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ପଞ୍ଚାୟତର ପିଙ୍ଗଳ ଗ୍ରାମସ୍ଥିତ ଆଶ୍ରମରେ ସପ୍ତଦିନ ବ୍ୟାପି ଅନୁଷ୍ଠିତ ଭାଗବତ ସପ୍ତାହ ଉଦଯାପିତ ହୋଇଯାଇଛି । ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଏହି ଭାଗବତ ସପ୍ତାହର ସାତଦିନ ଯାକ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ । ଶ୍ରୀମା' କହିଥିଲେ ଯେ ସପ୍ତାହର ସାତ ଦିନ ମଧ୍ୟରେ ମନୁଷ୍ୟ ମୃତ୍ୟୁବରଣ କରିବ । ଏହି ସାତ ଦିନକୁ ଆମେ ସ୍ମରଣ ରଖିବା ଉଚିତ । କାରଣ ଆମର କାଳ କେତେବେଳେ ଉପସ୍ଥିତ ହୋଇଯିବ ତାହା ଆମେ କେହି କହିପାରିବା ନାହିଁ । ତେଣୁ ପ୍ରତ୍ୟେକ ମୂହୁର୍ତ୍ତରେ ଆମେ ଈଶ୍ୱରଙ୍କୁ ସ୍ମରଣ କରିବା ଉଚିତ । ଶୁକ ପରିକ୍ଷିତ ସମ୍ବାଦ ଉପାଖ୍ୟାନ ଭଳି ଜୀବନକୁ ସତ୍ ମାର୍ଗରେ ନେବାକୁ ଭାଗବତ ଆମକୁ ଶିକ୍ଷା ଦିଏ ବୋଲି ଶ୍ରୀମା' କହିଥିଲେ । ଏହି ମହାନ ଭାଗବତ ପୁରାଣ ହେଉଛି ଆମ ସମସ୍ତଙ୍କ ଜୀବନ ଦର୍ପଣ । ରାଜ୍ୟରେ ଭାଗବତ ଟୁଙ୍ଗି ଆଜି ଦେଖିବାକୁ ମିଳୁନାହିଁ । ଭାଗବତ ଟୁଙ୍ଗି ପ୍ରତ୍ୟେକ ଗ୍ରାମରେ ସ୍ଥାପନା କରିବା ଆମର ଧ୍ୟେୟ ହେବା ଉଚିତ ବୋଲି ଶ୍ରୀମା କହିଥିଲେ । ଆଜି ଆମେ ପବିତ୍ର ଭାରତବର୍ଷର ପରମ୍ପରାକୁ ଭୁଲି ପାଶ୍ଚାତ୍ୟ ପରମ୍ପରାକୁ ଆପଣେଇ ନେଉଛେ । ଯାହା ଦିନେ ଆମର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ । ଏଣୁ ଆମେ ଆମ ଦେଶର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବାକୁ ସର୍ବଦା ପ୍ରୟାସ ଜାରି ରଖିବା ଉଚିତ ବୋଲି ଶ୍ରୀମା କହିଥିଲେ । ଜନ୍ମଦିନରେ ସମସ୍ତେ ଅନ୍ୟ କୌଣସି ଉପହାର ନଦେଇ ବୃକ୍ଷ ଉପହାର ଦେବାକୁ ଶ୍ରୀମା ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସରପଞ୍ଚ ରଞ୍ଜିତ ପ୍ରସାଦ ଜେନା, ମୃତ୍ୟୁଞ୍ଜୟ ପରିଡା, ଶ୍ରୀବତ୍ସ ନାୟକ, ଶ୍ରୀଧର ରାଉତ, ସାବିତ୍ରୀ ପରିଡା, ଶିଳମା ପରିଡା, ପ୍ରତିଭା ପ୍ରିୟଦର୍ଶିନୀ ଧଳ, ନାଣ୍ଡିପ୍ରଭା ପରିଡା, ଛୁଆମା ପରିଡା, ମନିଷା ପ୍ରିୟଦର୍ଶିନୀ ଧଳ, ବୁଡିଆଦେଇ ପରିଡା, ଲୋକନାଥ ବାରିକ, ନାରାୟଣ ପ୍ରଧାନ, ଅରୁଣ ପ୍ରଧାନ, ପ୍ରଦିପ ପରିଡା, ଧନନାଥ ପରିଡା, ପୁନମ ନାୟକ, ଝୁଲା ପରିଡା, ଗାୟତ୍ରୀ ଦାସ, ସିତା ଦାସ ଓ ଗୌରୀ ଦାସ ପ୍ରମୁଖ ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ । ଶେଷରେ ନୃସିଂହ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁରଭି ତର୍କରେ ସୌମ୍ୟ ପ୍ରଥମ

**ରାଜନଗର,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ତରଫରୁ ରାଜନଗର ବ୍ଲକ ଅନ୍ତର୍ଗତ ଓସ୍ତିଆ ବନ୍ଧପଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ପ୍ରଧାନ ବରିଷ୍ଠ ବର୍ଗର ତର୍କ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ରାଜନଗରର ଛାତ୍ରୀ ଗାୟତ୍ରୀ ନାୟକ ସୁପର ବରିଷ୍ଠ ବର୍ଗର ପ୍ରବନ୍ଧ ଲିଖନରେ ଦ୍ୱିତୀୟ ଓ ସିଡବ୍ଲୁଏସଏନ ସୁପର ବରିଷ୍ଠ ବର୍ଗର ସଂଗୀତ ବିଭାଗରେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ରାଜନଗରର ଛାତ୍ରୀ ଶୁଭଶ୍ରୀ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବାରୁ ରାଜନଗର ବିଧାୟକ ଧ୍ରୁବ ସାହୁ, ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବିଆରସିସି ଭକ୍ତିଲତା ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶିବ ପ୍ରସାଦ ବେହେରା, ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧିରେନ ବିଶ୍ୱାଳ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି ବୈବ୍ରତ୍ତ ନାରାୟଣ ବିଶ୍ୱାଳ, ଶିକ୍ଷକ ନେତା ହେମନ୍ତ ବାରିକ, ପ୍ରଶାନ୍ତ କୁମାର ଜେନା, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ଶାନ୍ତନୁ କୁମାର ସ୍ୱାଇଁ, ବିଦ୍ୟାଳୟର ଦୁଇ କମିଟିର ସଦସ୍ୟ ସଦସ୍ୟା, ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ରାଜନଗର ଅଞ୍ଚଳର ବହୁ ଶିକ୍ଷାବିତ, ବୁଦ୍ଧିଜୀବୀ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବିଶିଷ୍ଟ ସେକ ଚିକିତ୍ସକଙ୍କ ଦେହାନ୍ତ

**ସାକ୍ଷୀଗୋପାଳ,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ବ୍ଲକର ମଧୁବନ ଗ୍ରାମ ପଞ୍ଚାୟତ, ଡାହାଣ, କୁମ୍ଭାରପଡ଼ା ଗ୍ରାମର ବିଶିଷ୍ଟ ସେକ ଚିକିତ୍ସକ ତଥା ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଭାତ ଚନ୍ଦ୍ର ପରିଡ଼ା ୭୩ ବର୍ଷ ବୟସରେ ନିଜସ୍ୱ ବାସଭବନରେ ଇହ ଲୀଳା ସମ୍ବରଣ କରିଛନ୍ତି । ସେ ମହାଶୟ ବ୍ରହ୍ମଗିରିର, ଛୋଟ ପୁର, ସତ୍ୟବାଦୀର ମଧୁବନ, କଣାସ ବ୍ଲକରର, ମାଡ଼ିପୁର ଆଦି ବିଦ୍ୟାଳୟରେ ଶିକ୍ଷ କତା କରି ସୁନାମ ଅର୍ଜନ କରିଥିଲେ । ଶିକ୍ଷ କତା ବୃତ୍ତି ସହିତ ସତ୍ୟବାଦୀ, ଡେଲାଙ୍ଗ, ବ୍ରହ୍ମଗିରି, କଣାସ ଓ ପୁରୀ ସଦର ଅଞ୍ଚଳର ଅନେକ ହାଡ଼ ଭଙ୍ଗା ରୋଗୀଙ୍କୁ ସେବା ପ୍ରଦାନ କରି ସମସ୍ତଙ୍କର ପ୍ରିୟ ଭଜନ ହୋଇ ପାରିଥିଲେ । ତାଙ୍କର ବିୟୋଗରେ ନିଜସ୍ୱ ଗ୍ରାମ ପଞ୍ଚାୟତ ସହିତ ଏ ସମସ୍ତ ଅଞ୍ଚାଳରେ ଶୋକର ଛାୟା ଖେଳି ଯାଇଛି । ମହାଶୟଙ୍କର ୩ ପୁତ୍ର ଓ ୨ ଝିଅ ଅଛନ୍ତି । ଡାହାଣ ବାସୁଦେବ ଯୁବକ ସଂଘ ଓ ଡାହାଣ ଗ୍ରାମ୍ୟ ବିକାଶ ପରିଷଦ ତରଫରୁ ତାଙ୍କ ମର ଶରୀରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା । ସ୍ୱର୍ଗଦ୍ୱାରରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହେଲା ।

## ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ

**ରାଜନଗର,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ସଦର ମହକୁମା ସ୍ଥିତ ଭାରତମାତା କୋଚିଂ ସେଣ୍ଟର ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜନଗର ନଗର ତରଫରୁ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ପ୍ରଥମେ ସ୍ୱଦେଶୀ ଜାଗରଣ ମଞ୍ଚ କେନ୍ଦ୍ରାପଡ଼ା ଜିଲ୍ଲାର ସଂଯୋଜକ ମନୋରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଭଗବାନ ବିର୍ସାମୁଣ୍ଡାଙ୍କ ଫଟୋରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସଞ୍ଜୟ କୁମାର ବାଗ, ସମ୍ମାନିତ ଅତିଥି ଭାବରେ ଆଇନଜୀବୀ ଦେବଦତ୍ତ ସେଠୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପରିଷଦର ନଗର ସମ୍ପାଦକ ସୁକୁମାର ମାନ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ଅତିଥିମାନେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଭଗବାନ ବିର୍ସାମୁଣ୍ଡାଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋକ ପାତ କରିଥିଲେ । ଏହାପରେ ବିଦ୍ୟାର୍ଥୀ ପରିଷଦର ନଗର ସହ ସମ୍ପାଦକ ବିବେକାନନ୍ଦ ଦାସ ଧନ୍ୟବାଦ ଅର୍ପଣ ଦେଇଥିଲେ ।

## ଏକତା ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ସାମ୍ବାଦିକ ସମ୍ମିଳନୀ

**ଯାଜପୁର,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ଏକ ମାସ ବ୍ୟାପି ଚାଲୁଥିବା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଓ ଅନୁଷ୍ଠିତ ହେବାକୁଥିବା ପଦଯାତ୍ରା ଅବସରରେ ଲୋକସଭା ସାଂସଦ, ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟାରେ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି ।



ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ସାଂସଦ ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରା କହିଲେ ଜିଲ୍ଲାର ୩ଟି ସ୍ଥାନରେ ୨୦ରେ ସୁକିନ୍ଦା, ୨୧ରେ କୋରେଇ ଏବଂ ୨୫ରେ ଧର୍ମଶାଳାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ୧୦ କିଲୋମିଟର ଦୂରତା ମଧ୍ୟରେ ପଦଯାତ୍ରା ଅନଷ୍ଠିତ ହେବ ଏବଂ ୪ଟି ଷ୍ଟେଜ ହେବ । ପ୍ରତି ୨.୫ କିଲୋମିଟର ଦୂରତାରେ ଗୋଟେ ଲେଖାଏଁ ଷ୍ଟପେଜ ହେବ । ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ୟୁଥ୍ କ୍ଲବ୍, ଏନ୍ଏସଏସ, ଏନ୍‌ସିସି, କ୍ରୀଡାବିତ୍, ସରକାରୀ କର୍ମଚାରୀ, ସିଭିଲ ସୋସାଇଟ ଗ୍ରୁପ, ସିନିୟର୍ ସିଟିଜେନ୍, ଏସଏଚ୍‌ଜି ଗ୍ରୁପର ସଦସ୍ୟା, ଦିବ୍ୟାଙ୍ଗମାନେ (୧୪ ବର୍ଷରୁ ଉର୍ଦ୍ଧ୍ୱ) (ସର୍ବନିମ୍ନ ୧୦୦୦ରୁ ୧୫୦୦) ଭାଗ ନେଇ ପାରିବେ । ଉକ୍ତ ଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବ । ୪ଟି ଷ୍ଟେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଯୋଗ, ଜୁଡୋ, କରାଟି ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହା ସହିତ ଲୋକାଲ ପ୍ରଡକ୍ଟସ୍‌ର ମେଳା ଅନୁଷ୍ଠିତ ହେବ । ଏକ ପେଡ ମା କେ ନାମ୍ କାର୍ଯ୍ୟକ୍ରମ, ଏକ ଭାରତ ଅମୃତ ଭାରତ କାର୍ଯ୍ୟକ୍ରମ ଆଦି ଆୟୋଜିତ ହେବ । ଉକ୍ତ ଏକ ମାସ ବ୍ୟାପି କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଉକ୍ତ ସମ୍ମିଳନୀରେ ବିଧାୟକ କୋରେଇ ଆକାଶ ଦାସନାୟକ, ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ ଯୋଗଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶ ଏକତ୍ରିକରଣରେ ଭୂମିକା ବର୍ଣ୍ଣନା କରିବା ସହିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରା ନିମନ୍ତେ ବିଭିନ୍ନ ବିବରଣୀ ଉପରେ ନିଜର ବକ୍ତବ୍ୟ ରଖିଥିଲେ ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦଘାଟିତ

**କୋରାପୁଟ/ମାଲକାନଗିରି, ୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ରାଣୀଗୁଡ଼ା ଠାରେ ନିର୍ମାଣ ହୋଇଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦଘାଟିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶିବ ପ୍ରଧାନ, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା ଓ ଅମ୍ବୁ ପାତ୍ର, ବିଧାୟକଙ୍କ କୁନ୍ଦୁରା ବ୍ଲକ୍ ପ୍ରତିନିଧି ବଦ୍ରିନାଥ ଆଚାର୍ଯ୍ୟ, କୋରାପୁଟ ପ୍ରତିନିଧି ବିନାୟକ ଆଚାର୍ଯ୍ୟ ଓ ଶିକ୍ଷାବିତ୍ ପଞ୍ଚାନନ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ଓ ଏହି ଅନୁଷ୍ଠାନ ଦ୍ୱାରା ବହୁ ଛାତ୍ରଛାତ୍ରୀ ଉପକୃତ ହୋଇ ପାରୁଛନ୍ତି ବୋଲି ବିଧାୟକ ଶ୍ରୀ ଭତ୍ରା କହିଥିଲେ । ବର୍ତ୍ତମାନ ଏହି



ଅନୁଷ୍ଠାନରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ୧୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଯୁକ୍ତ ଦୁଇ ଶ୍ରେଣୀ ପର୍ଯ୍ୟନ୍ତ ଏହି ଅନୁଷ୍ଠାନରେ ପାଠପଢ଼ାର ବ୍ୟବସ୍ଥା ରହିଛି । ଆର୍ଥିକ ଅନଗ୍ରସର ତଥା ସ୍ୱତନ୍ତ୍ର ବିଭାଗରେ ଛାତ୍ରଛାତ୍ରୀଙ୍କ ପାଇଁ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ଯଦ୍ୱାରା ଛାତ୍ରଛାତ୍ରୀ ବେଶ୍ ଉପକୃତ ହୋଇପାରିବେ । ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ଯେ ଏହି ଅନୁଷ୍ଠାନରେ ଧନୁ ତୀରନ୍ଦାଜ ପ୍ରତିଯୋଗିତା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି । କ୍ରୀଡ଼ା ପ୍ରତି ରୁଚି ରଖୁଥିବା ଛାତ୍ରଛାତ୍ରୀ ଏହାଦ୍ୱାରା ଲାଭବାନ ହେବେ । ୧୪ ଏକର ଜମିରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ସିପିଡବ୍ଲୁ କଣ୍ଟ୍ରାକ୍ଟର ବିକ୍ରମ କେଶରୀ ପ୍ରହରାଜଙ୍କ ଉଚ୍ଚକୋଟୀର ନିର୍ମାଣ ଶୈଳୀକୁ ନେଇ ବିଧାୟକ ଖୁସି ବ୍ୟକ୍ତ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟଯେ ଚଳିତ ଶିକ୍ଷା ବର୍ଷଠାରୁ ପର୍ଯ୍ୟାୟ କ୍ରମେ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ପର୍ଯ୍ୟନ୍ତ ପାଠ୍ୟକ୍ରମ ଜାରି ରହିବ ।

## ଘର ଆଗରୁ ବାଇକ୍ ଚୋରି

**କଣାସ,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ ଅଣ୍ଡାରସିଂହ ଗ୍ରାମର ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ବାସଗୃହ ଦୁଆର ମୁହଁରେ ରଖାଯାଇଥିବା ଗ୍ଲାମର ଓଡି ୨୧ଜି୬୭୧୬ ନମ୍ବର ମଟରସାଇକେଲ୍‌ଟିକୁ ୧୪ତାରିଖ ଶୁକ୍ରବାର ରାତିରେ କୌଣସି ଦୁର୍ବୃତ୍ତ ମଟରସାଇକେଲ ହ୍ୟାଣ୍ଡେଲ୍ ଝବି ଭାଙ୍ଗି ନେଇଯାଇଥିବା ରମେଶ ଚନ୍ଦ୍ର ସାମନ୍ତରାୟ କଣାସ ଥାନାରେ ଏତେଲା ଦେଇ ଥିବା ଜଣାପଡିଛି । ଏତେଲା ପାଇ କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ ତଦନ୍ତ ଚଳାଇଛନ୍ତି । ପ୍ରକାଶଥାଉକି କିଛି ଦିନ ତଳେ କୋଟକଣା ଗ୍ରାମ, ବିଜିପୁର ବଜାର, ଜଙ୍କିଆ ବଜାର ଓ କଣାସ ଗୋଲାବଜାରରୁ କେତୋଟି ମଟରସାଇକେଲ୍ ଚୋରି ହୋଇଯାଇଥିଲେ ମଧ୍ୟ ଏହାର ସନ୍ଧାନ ମିଳିନାହିଁ । ବିଶେଷସୁତ୍ର ଖବର ମିଳେ ଚୋରି କରୁଥିବା ମଟରସାଇକଲ୍ ଗୁଡିକୁ ଦୁର୍ବୃତ୍ତମାନେ ବାହାରେ ବିକ୍ରି ନ କରି ମଟରସାଇକେଲ୍ ଗ୍ୟାରେଜ୍‌ମାନଙ୍କରେ ବିକ୍ରି କରିଦେଉଛନ୍ତି । ମଟରସାଇକେଲ୍ ଗ୍ୟାରେଜ୍ ବାଲା ମଟରସାଇକେଲ୍ ଗୁଡିକ ସଂଗେ ସଂଗେ ଖୋଲି ପାର୍ଟସ୍ ବିକ୍ରି କରିଦେଉଥିବାରୁ ମଟରସାଇକେଲ୍ ଚୋରିର ସନ୍ଧାନ ମିଳୁନଥିବା ଜଣାପଡିଛି ।

## 'ଈଶ୍ୱର' ପରିସରରେ ଶିଶୁ ଅଧିକାର ସପ୍ତାହ

**ଢେଙ୍କାନାଳ,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡାପଡ଼ା ବ୍ଲକ୍‌ର ଅଗ୍ରଣୀ ସାମାଜିକ ସଂଗଠନ 'ଈଶ୍ୱର' ପରିସରରେ ଶିଶୁ ଅଧିକାର ସପ୍ତାହ ପାଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନଙ୍କୁ ନେଇ ପଦଯାତ୍ରା, ଆଲୋଚନାଚକ୍ର ଆୟୋଜିତ କରାଯାଇଥିଲା । ଉକ୍ତ ଆଲୋଚନା ଚକ୍ରରେ ଶିଶୁ ଶ୍ରମିକ ଉଚ୍ଛେଦ ଓ ବାଲ୍ୟ ବିବାହ ଉପରେ ଆଲୋଚନା କରାଯାଇ ଏହାର ନିରାକରଣ କିଭଳି କରାଯାଇପାରିବ ସେ ବିଷୟରେ ଆଗାମୀ ଦିନ ଗୁଡ଼ିକରେ କିଭଳି ପଦକ୍ଷେପ ନିଆଯାଇପାରିବ ତଥା ସଚେତନା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ସଙ୍ଗଠନର ସହ ଆବାହକ ଅମ୍ବୁଜ କୁମାର ପୁହାଣ ମୁଖ୍ୟ ଅଥିତି ଭାବରେ ଓ ମଧୁସ୍ମିତା ବେହେରା ମୁଖ୍ୟବକ୍ତା ଓ ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ଯୋଗଦେଇଥିଲେ । କୁମାରୀ ପୂଜା ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ମାସ ୧୪ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଶିଶୁ ଅଧିକାର ସପ୍ତାହ ପାଳନ କରାଯାଉଛି ।

## ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ ଜୋନାଥନ ଗ୍ରାନଫ୍‌ଙ୍କୁ କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର



**ଭୁବନେଶ୍ୱର,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ଶାନ୍ତି, ପରମାଣୁ ନିରସ୍ତୀକରଣ ଓ ଆଇନର ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଜୋନାଥନ୍ ଗ୍ରାନଫ୍‌ଙ୍କୁ ଶନିବାର କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଗ୍ରାନଫ୍ ହେଉଛନ୍ତି ଜଣେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଇନଜ୍ଞ ଏବଂ ସେ ଦୀର୍ଘ ଦଶନ୍ଧୀ ଧରି ପରମାଣୁ ନିରସ୍ତୀକରଣ ସପକ୍ଷରେ ବିଶ୍ୱବ୍ୟାପୀ ଅଭିଯାନ ଚଳାଇ ଆସୁଛନ୍ତି । ଏ ନେଇ ସେ ଆମେରିକା ସଂସଦ, ବ୍ରିଟେନ୍ ସଂସଦ ଓ କାନାଡ଼ା ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି । ଗ୍ରାନଫ୍ ନୋବେଲ୍ ଶାନ୍ତି ପୁରସ୍କାର ବିଜେତାଙ୍କ ବିଶ୍ୱ ସମ୍ମିଳନୀର ବରିଷ୍ଠ ପରାମର୍ଶଦାତା ଭାବେ କାମ କରିବା ସହ ଅନେକ ଆନ୍ତର୍ଜାତିକ ବୋର୍ଡରେ ବିଭିନ୍ନ ପଦବୀରେ ରହିଛନ୍ତି । ଆଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଆମେରିକା ବାର୍ ଆସୋସିଏସନ୍ ୨୦୨୦ରେ ଜୀବନ ବ୍ୟାପୀ ସାଧନା ସମ୍ମାନରେ ସମ୍ମାନୀତ କରିଥିଲେ । ଏହି ସମ୍ମାନ ଗ୍ରହଣ କରି ଗ୍ରାନଫ୍ କିସ୍‌ର ଉଚ୍ଚ ପ୍ରଶଂସା କରିଥିଲେ ।

ସେ ତାଙ୍କ ଅଭିଭାଷଣରେ କିସ୍‌କୁ ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଏକ ଅସାଧାରଣ ଅନୁଷ୍ଠାନ ଭାବେ ଅଭିହିତ କରିଥିଲେ । ସେ କହିଲେ, ସେ ସାରା ଜୀବନ ବିବେକ ସହ ସମନ୍ୱୟ ରଖି ବଞ୍ଚିବାକୁ ଚେଷ୍ଟା କରିଆସିଛନ୍ତି । ଜନଜାତି ସମ୍ପ୍ରଦାୟର ପିଲାମାନେ ସେମାନଙ୍କ ଭବିଷ୍ୟତ ଗଠନ ପାଇଁ କିସ୍ ଓ କିଟ୍ ପ୍ରତି କୃତଜ୍ଞ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଗ୍ରାନଫ୍ ତାଙ୍କ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପରିଚାଳିତ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ ଉଲ୍ଲେଖ କରି କହିଲେ, ଏହା ହେଉଛି ଦୟା ଓ ପ୍ରେମର ଏକ ଆନ୍ଦୋଳନ । ଆର୍ଟ ଅଫ୍ ଗିଭିଂ ଜୀବନ ସହିତ ଜ୍ଞାନର ବିକଶିତ କରିଥାଏ । ଗ୍ରାନଫ୍ ଏକବିଂଶ ଶତାବ୍ଦୀର ଆହ୍ୱାନ ଭାବେ ଜଳବାୟୁ ସଙ୍କଟ, ପରିବେଶ ଅବକ୍ଷୟ ଓ ଗଣବିନାଶର ଅସ୍ତ୍ର ଉପରେ ରୋକ ଲଗାଇବା ନେଇ ଗୁରୁତ୍ୱାରୋପ କରିଥିଲେ ।

ଗ୍ରାନଫ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରି କିସ୍ ନିଜକୁ ଧନ୍ୟ ମନେକରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବହୁ ସଂଖ୍ୟାରେ କିଟ୍ ଓ କିସ୍‌ର ଅଧ୍ୟପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ପ୍ୟାରେଣ୍ଟ ଆଜ୍ ପାର୍ଟନର ଓ ଜନଜାତି ଗୌରବ ଦିବସ




**ମାଲକାନଗିରି,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ହାତୀଆମ୍ବ ଆଶ୍ରମ ବିଦ୍ୟାଳୟରେ ପ୍ୟାରେଣ୍ଟ ଆଜ୍ ପାର୍ଟନର ଓ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଆନନ୍ଦ ମଣ୍ଡଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରିବନ୍ଧୁ ହନ୍ତାଳ, ୱାର୍ଡ଼ ସଭ୍ୟ ଗୋବିନ୍ଦ ଗୋଲରି ଓ ଲକ୍ଷ୍ମଣ ପୋଟି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ପ୍ରଥମେ ଅତିଥି ବୃନ୍ଦ ଶ୍ରୀ ଜଗନ୍ନାଥ ଓ ଧରତି ଆବା ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯକ୍ରମ ଶୁଭାରମ୍ଭ କରିଥିଲେ । ଅଭିଭାବକଙ୍କ ମଧ୍ୟ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପ୍ରତି ସମ ଦାୟିତ୍ୱବୋଧତା ରହିଛି ବୋଲି ଅତିଥି ବୃନ୍ଦ ମତ ବ୍ୟକ୍ତ କରିଥିଲେ । ଶହୀଦ ବିର୍ସା ମୁଣ୍ଡାଙ୍କ ତ୍ୟାଗ ଓ ବଳିଦାନ ଉପରେ ଛାତ୍ରଛାତ୍ରୀ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ନେଇ ଛାତ୍ରଛାତ୍ରୀ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ । ସେମାନଙ୍କ ପାଇଁ ମ୍ୟୁଜିକାଲ୍ ଚେୟାର୍ ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଫୁଲନଖରା,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାରଙ୍ଗ ଥାନା ଅନ୍ତର୍ଗତ ଝୁନଝୁନୱାଲା ବିଦ୍ୟାପୀଠ ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଆୟୋଜିତ ହୋଇଯାଇଛି । ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ, ଚାଷୀ ବିଶେଷଜ୍ଞଙ୍କ ଆଲୋଚନାଚକ୍ର, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବାରଙ୍ଗ ବ୍ଲକର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସମ୍ବନ୍ଧରେ ବିଭିନ୍ନ ଆଲୋଚନା କରାଯାଇଥିଲା । ମୁଖ୍ୟଅତିଥି ଭାବେ ବିଧାୟକ ନିଆଳି ଇଂ ଛବି ମଲ୍ଲିକ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ୩୨ ନମ୍ବର ଜୋନ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଦେବାଶିଷ ଦାସ, କଟକ ଜିଲ୍ଲା ସାଂସଦଙ୍କ ପ୍ରତିନିଧି ବିଭୂତି ଭୂଷଣ ପାଣି, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ଶ୍ରୀବନ୍ତପୁର ସରପଞ୍ଚ ସଞ୍ଜୟ କୁମାର ପାଣି, ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ସମିତି ସଭ୍ୟା ବନାନୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡାଃ ମନୀଷା ରଥ ସଭାପତିତ୍ୱରେ କରିଥିବା ବେଳେ ଉପ ସଭାପତି ଭାବେ ଗୋଷ୍ଠୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡାଃ ଶୁଭଲକ୍ଷ୍ମୀ ସାହୁ, ଭବାନୀ ଶଙ୍କର ବିଶ୍ୱାଳ, ପ୍ରତୀକ ଦାସ ଅଧିକାରୀ, ବିକାଶ ଦାସ ନାଗ, ମିସ୍ ଭବାନୀ ରାଉତ ପ୍ରମୁଖ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ । ଏହି ଅବସରରେ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପେଣ୍ଠରେ ଭିତରକନିକା ଇକୋରିଟ୍ରିଟ୍ ଉଦ୍‌ଘାଟିତ

**ରାଜନଗର,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ପେଣ୍ଠଠାରେ ଭିତରକନିକା ଇକୋରିଟ୍ରିଟ୍ ଷଷ୍ଠବର୍ଷ ଉଦ୍‌ଘାଟିତ ହୋଇଯାଇଛି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାଷୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ । ରାଜ୍ୟରେ ୭ଟି ସ୍ଥାନରେ ହେବାକୁଥିବା ଦାରିଙ୍ଗବାଡି, ହିରାକୁଦ, ଗାମର ପତିସୋନପୁର, ସାତକୋଶିଆର ବାଲିପୁଟ, କୋରାପୁଟର ପୁଟସିଲ୍, ଭିତରକନିକାର ପେଣ୍ଠ ଇକୋରିଟ୍ରିଟ୍ ଉଦ୍‌ଘାଟିତ ହୋଇଥିବା ବେଳେ ଆସନ୍ତା ଡିସେମ୍ବର ୧୫ତାରିଖ ଦିନ କୋଣାର୍କ-ଚନ୍ଦ୍ରଭାଗା ବେଳାଭୂମିରେ ଉଦ୍‌ଘାଟିତ ହେବ । ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି । ପର୍ଯ୍ୟଟକମାନେ ପ୍ରକୃତି କୋଳରେ ରହି ନିଜର ଖୁସି ମନାଇବେ ବୋଲି କହିବା ସହ ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୂବନ ଜୟସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ଉତ୍ସବରେ ବିଧାୟକ ଧୃବ ସାହୁ, ଜିଲ୍ଲାପାଳ ରଘୁରାମ ଆର ଆୟାର, ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶଚନ୍ଦ୍ର ଗୁଡିଆଙ୍କ ସହ ବିଜେପି ନେତା ଲଳିତକୁମାର ବେହେରା, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଫକିରମୋହନ ମାଝି, ହାତିନା ପଞ୍ଚାୟତର ସରଞ୍ଚ ସମିରକୁମାର ସେଠୀ, ତହସିଲଦାର ଯୀଶୁକ୍ରିଷ୍ଣ ଦାସ, ବିଡିଓ ଅନିରୁଦ୍ଧ ବେହେରାଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ ସରଞ୍ଚ ସମିତି ସଭ୍ୟମାନେ ଯୋଗଦେଇଥିଲେ । ପେଣ୍ଠ ବେଳାଭୂମିରେ ଉଦ୍‌ଘାଟିତ ଏହି ଇକୋରିଟ୍ରିଟକୁ ଆସିବାକୁ ଥିବା ପର୍ଯ୍ୟଟକମାନେ ଏଠାରେ ଡଲଫିନର ଜଳକ୍ରୀଡା ଦେଖିବା ସହିତ ବୋଟରେ ବୁଲିବାର ମଜା ନେଇପାରିବେ । ବିଶେଷକରି ଭିତରକନିକା ଜାତୀୟ ଉଦ୍ୟାନ ବୁଲିବାର କାର୍ଯ୍ୟକ୍ରମ ରହିଛି । ନିକଟରେ ଥିବା ଝାଉଁବଣ, ବରୁଣେଇ ମୁହାଁଣ ଓ ଏଠିକାର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରିବ । ପେଣ୍ଠ ବେଳାଭୂମିରେ ନିର୍ମାଣ ହୋଇଥିବା ଜିଓଟ୍ୟୁବ ୱାଲ ସହ ଗାଁ ମୁଣ୍ଡରେ ଥିବା ବନବିହାରୀଜୀୟୁଙ୍କ ମନ୍ଦିର ବୁଲିବାର ମଜା ନେଇ ପାରିବେ । ପ୍ରଥମ ଦିନରେ କିଛି ପରିବାର ଇକୋରିଟ୍ରିଟକୁ ଆସିଥିବା ଜଣାପଡିଛି । ପର୍ଯ୍ୟଟକଙ୍କ ପାଇଁ ୨୫ଟି ସୁଟ୍ ରହିଛି । ୨୦ଟି ଡିଲକ୍ସ ସୁଟ୍ ରହିଛି ଯାହାର ଦାମ ୪ହଜାର୪ଶହ ଟଙ୍କା । ୫ଟି ପ୍ରିମିୟମ ସୁଟ୍ ରହିଛି, ଯାହାର ମୂଲ୍ୟ ୫ହଜାର ୭ଶହ ଟଙ୍କା ରହିଛି । ଏହାମଧ୍ୟରେ କ୍ୟାରମ, ସାଇକେଲିଂ, ଭଲିବଲ, ଧନୁତୀର ଖେଳିବାର ବ୍ୟବସ୍ଥା ରହିଛି । ସେହିଭଳି ଭାବରେ ସମୁଦ୍ର ମଧ୍ୟରେ ବୋଟିଂର ମଜା ନେବା ପାଇଁ ଜେଟସ୍କି, ବାନାନା ରାଇଟ୍, କ୍ୟାନୋଇଙ୍ଗ୍, ସ୍ପିଡବୋଟ ଓ ବଡ ଜର୍ବିଙ୍କ ସହାୟତାରେ ୱାଟର ସ୍ପୋଟ୍ସର ମଜା ନେଇ ପାଇରିବେ । ବିଶେଷକରି ଏହି ଇକୋରିଟ୍ରିଟକୁ ଆସିଥିବା ପର୍ଯ୍ୟଟକମାନେ ବେଳାଭୂମିରେ ବସି ସମୁଦ୍ର ଭିତରେ ବିଭିନ୍ନ ପ୍ରଜାତିର ଡଲଫିନ୍‌ମାନଙ୍କର ଖେଳ ଦେଖିପାରିବେ । ଝାଉଁବଣ ଓ ବରୁଣେଇ ମୁହାଁଣ ସର୍ବୋପରି ଏଠିକାର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମଜା ନେଇପାରିବେ । ଭିତରକନିକା ବୁଲିବାର ବ୍ୟବସ୍ଥା ରହିଛି । ସନ୍ଧ୍ୟାରୁ ବଡକଥା ହେଲା ଉଦ୍ଘାଟନ ଦିନ ହିଁ ସମସ୍ତ କଟେଜ ବୁକ ହୋଇଥିବା ଜଣା ପଡିଛି ।


**AFFIDAVIT**

By virtue of an affidavit sworn before the executive magistrate, Anandapur, dtd-14/11/25 I, Satyabhama Padhi, aged about 59 years, Wife of Kalakar Padhi resident of vill/Po-Kodapada, Ps-Anandapur, Dist-Keonjhar declare that my correct name is Satyabhama Padhi and correct date of birth is 15.05.1966 as per my Aadhaar card bearing no.8578 9833 9071, PAN card bearing no.DCIPP4063B etc. but unfortunately in the Army EME records of my husband namely Kalakar Padhi bearing Army EME no.14533775K my name and date of birth has been inadvertently mentioned as Satyabhama Panda and DOB-23.05.1966 instead of Satyabhama Padhi, DOB-15.05.1966. I swear this affidavit to produce before the competent authority for the above mentioned purpose and to take needful action.

Sd/-
Satyabhama Padhi

**Notice (for Minor)**

By virtue of an affidavit no-6262 sworn before the Executive Magistrate, Kanika, dated-14.11.2025. I Madan Mohan Behera, S/o-Karunakar Behera of village-Khulari, Po- Koilipur, PS-Rajkanika, District-Kendrapara, Odisha, PIN-754220 declare that I have changed the name of my minor daughter from Manisha Behera (old name) to Monalisha Behera (new name). Henceforth, she shall be known as Monalisha Behera (new name) for all purposes.

Sd/-
Madan Mohan Behera

**AFFIDAVIT**

By virtue of affidavit sworn before Executive Magistrate, Rajnagar that I have changed my name from Samira Kuamr Rout, S/O-Pravakar Rout to Samira Kumar Rout, S/O -Pravakar Rout, resident of Village-Mangarajpur, Post/P.S-Rajnagar, Dist- Kendrapara, PIN- 754225, Odisha. Henceforth I shall be known as Samira Kumar Rout for all purposes.


## ବରିଷ୍ଠ ନାଗରିକ ଜନ କଲ୍ୟାଣ ମଞ୍ଚ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

**ମାହାଙ୍ଗା,୧୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବରିଷ୍ଠ ନାଗରିକ ଜନ କଲ୍ୟାଣ ମଞ୍ଚ ନୁର୍ତ୍ତାଙ୍ଗ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ ଓ ସମ୍ବର୍ଦ୍ଧନା ଉତ୍ସବ ଗୋବର୍ଦ୍ଧନେଶ୍ୱର ପୀଠ ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଦଘାଟକ ଭାବେ ଜେଏନ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରତାପ କୁମାର ଚୌଧୁରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଶିବ ପ୍ରସାଦ



ଦାଶ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସ୍ଥାୟୀ ସଭାପତି ସୂର୍ଯ୍ୟମଣି ସାମଲ, ସହ ସମ୍ପାଦକ ଜଳଧର ପରିଡା, ଉପସଭାପତି ଶ୍ୟାମ ସୁନ୍ଦର ସ୍ୱାଇଁ, ଭାସ୍କର ଲେଙ୍କା, ସମ୍ମାନିତ ବକ୍ତା ଭାବେ ଆରତି ପଣ୍ଡା ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନ ସମାଜରେ ଥିବା ଅବହେଳିତ, ନିଷ୍ପେସିତ, ଅସହାୟ ଲୋକମାନଙ୍କ ବିପଦ ସମୟରେ ସେମାନଙ୍କ ନିକଟରେ ପହଂଚି ସାହାଯ୍ୟର ହାତ ବଢ଼ାଇ ଆନ୍ତି । ଏନେଇ ଅନୁଷ୍ଠାନ ପକ୍ଷରୁ ୫୦ ଜଣ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିବା ବେଳେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ସାମ୍ବାଦିକ ଅଶୋକ ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଛି । ଅନୁଷ୍ଠାନ ସମ୍ପାଦକ ମାଧବ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୁରୁଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଶାଳ ଗଣ୍ଡି ଚାଲାଣ ବେଳେ ୩ ଗିରଫ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବନାଞ୍ଚଳ ଅଧିନ ଗୁରିଆବାରୀ ସଂରକ୍ଷିତ ଜଙ୍ଗଲରୁ ଶନିବାର ରାତିରେ କାଠ ମାଫିଆଙ୍କ ଦ୍ୱାରା ୫ଟି ଶାଳ କାଠ ଗଣ୍ଡି ଚାଲାଣ ବେଳେ କୌଣସି ବିଶେଷ ସୂତ୍ରରୁ ଖବରପାଇ ଖଣ୍ଡପଡ଼ା ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କଟା ଯାଇଥିବା ଶାଳ କାଠ ଗଣ୍ଡି ଓ କାଠ କଟା କରତକୁ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ କାଠ ମାଫିଆମାନେ ହେଲେ ଖଣ୍ଡପଡ଼ା ବ୍ଲକ ଅଧିନ କୁମ୍ଭାରପଡା ଗ୍ରାମର ମହେନ୍ଦ୍ର କୁମାର ପଣ୍ଡା, ନିକଟସ୍ଥ ଜାକେଲା ଗ୍ରାମର ଅଭୟ ନାଏକ ଓ କଟକ ଜିଲ୍ଲାର ବଡମ୍ବା ଥାନା ଅଧିନ ଜାନିପଦର ଗ୍ରାମର ଗୌରାଙ୍ଗ ଜେନା। କାଠ ମାଫିଆମାନେ ସଂରକ୍ଷିତ ଜଙ୍ଗଲରୁ ମହାଦ୍ରୁମ ଶାଳ ଗଛଗୁଡିକ କାଟି ଲୁଟି ନେଉଥିବା ନେଇ ଖଣ୍ଡପଡ଼ା ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ସୂଚନା ମିଳିବା ପରେ ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସିଂଘାପଡା ବନପାଳ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସମେତ କର୍ମଚାରୀମାନେ ସେଠାରେ ଅଚାନକ ଚଢାଉ କରିଥିଲେ। ଜବତ ୩୦ ସିଫ୍ଟ ଶାଳ କାଠ ଗଣ୍ଡିର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଜବତ କାଠ ଗଣ୍ଡିଗୁଡିକୁ ସିଂଘାପଡା ବନପାଳଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଛି। କାଠ ମାଫିଆମାନଙ୍କୁ ରବିବାର ଅଦାଲତ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଶ୍ରୀନୀଳାଚଳ ସେବା ସଂଘର ନିର୍ବାଚନ
## ବିଘ୍ନେଶ୍ୱର ସଭାପତି, ରବୀନ୍ଦ୍ରନାଥ ସମ୍ପାଦକ

**ନୂଆଦିଲ୍ଲୀ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ହଜଖାସ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତଥା ଶ୍ରୀନୀଳାଚଳ ସେବା ସଂଘର ବାର୍ଷିକ ବୈଠକରେ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ୨୫ ଜଣିଆ କମିଟିରେ ବିଘ୍ନେଶ୍ୱର ରାଉତ ସଭାପତି, ରବୀନ୍ଦ୍ରନାଥ ପ୍ରଧାନ ସମ୍ପାଦକ, ଗଜେନ୍ଦ୍ର ପ୍ରସାଦ ସାମନ୍ତ, ରବିଶଙ୍କର ପାଣି ଓ କ୍ଷୀରୋଦ ଚନ୍ଦ୍ର ପାତ୍ର ଉପସଭାପତି, ଅଭୟ କୁମାର ପ୍ରଧାନ, ଅଶୋକ କୁମାର ପ୍ରଧାନ ଓ ରଙ୍କନିଧି ସାହୁ ଯୁଗ୍ମ ସମ୍ପାଦକ ଏବଂ ପଙ୍କଜ ମହାନ୍ତି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

## ସାମ୍ବାଦିକତା ବୃତ୍ତି ନୁହେଁ ବ୍ରତ ହେବା ଆବଶ୍ୟକ: ବାଚସ୍ପତି

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ସ୍ଥିତ କେଶରୀ ହୋଟେଲ ସଭା ଗୃହ ପରିସରରେ ଓ୍ୟୁଡବ୍ଲ୍ୟୁଜେ ଆନୁକୂଲ୍ୟରେ ୬୦ ତମ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ବିଶିଷ୍ଟ ସାମ୍ବାଦିକ ସୁଜ୍ଞାନ ଚୌଧୁରୀଙ୍କ ଅଧ୍ୟକ୍ଷତା ଆୟୋଜିତ ସଭାରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ମୁଖ୍ୟବକ୍ତା ଭାବେ ସୁଦୂର ଆମେରିକାର ବରିଷ୍ଠ ପ୍ରଫେସର କୈଳାସ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ପବିତ୍ର କୁମାର ପାତ୍ର ଯୋଗ ଦେଇଥିବା ବେଳେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋଟର ଜଷ୍ଟିସ୍ ଡି.ପି ଚୌଧୁରୀ, ମୁଖ୍ୟବକ୍ତା ଭାବେ ଆଇନ ତଥା ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗ ଦେଇ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନଙ୍କୁ ଉତ୍ସାହିତ କରିଥିଲେ। ସାମ୍ବାଦିକତା ବୃତ୍ତି ନୁହେଁ, ବ୍ରତ ହିସାବରେ ଗ୍ରହଣ କରିବାକୁ ସମସ୍ତଙ୍କୁ ବାଚସ୍ପତି ଶ୍ରୀମତୀ ପାଢୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବି.ଜେ.ବି, ରମାଦେବୀ ଓ କିଟ ବିଶ୍ୱ ବିଦ୍ୟାଳୟ ଅଧ୍ୟୟନରତ ଛାତ୍ରଛାତ୍ରୀ ସେମିନାରରେ ଅଂଶ ଗ୍ରହଣ କରିଥିଲେ। ଭାରତୀ କଳା ପରିଷଦ, ବରଗଡ଼ କର୍ମକର୍ତ୍ତାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଟକ ଜିଲ୍ଲା ସଭାପତି ତଥା ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ପ୍ରସନ୍ନ ତ୍ରିପାଠୀ, ପରମାନନ୍ଦ ମିଶ୍ର, ତ୍ରିଲୋଚନ ମିଶ୍ର, ପ୍ରମୋଦ କିଶୋର ପରିଡ଼ା, ଶରତ କୁମାର ପରିଡ଼ା ଓ ବସନ୍ତ କୁମାର ଜେନା ସମେତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରୁ କାର୍ଯ୍ୟରତ ଅନ୍ୟୁନ ୩୦୦ ସାମ୍ବାଦିକ ଓ ଖବରଦାତା ଯୋଗ ଦେଇଥିଲେ। ସାମ୍ବାଦିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବରିଷ୍ଠ ସାମ୍ବାଦିକମାନଙ୍କୁ ମଞ୍ଚ ଉପରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ବେଳେ ଉପସ୍ଥାପିକା ଆନି ଶତପଥୀ ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ



**ପୁରୀ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ କୋଣାର୍କ ଜନଜାତି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନଜାତିମାନଙ୍କ ବିକାଶ ଓ ଉନ୍ନୟନ ପାଇଁ ସରକାରଙ୍କ ଉଦ୍ୟମ ସମ୍ପର୍କରେ ଆଲୋକପାତ କରିବା ସହ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିର୍ସାମୁଣ୍ଡା ଜନଜାତି ବର୍ଗର ଉନ୍ନତି ପାଇଁ ଯେଉଁ ସଂଘର୍ଷ କରିଥିଲେ ତାହାର ସୁଫଳ ଆଜି ସେହି ବର୍ଗ ପାଇ ପାରୁଛନ୍ତି ବୋଲି କହିଥିଲେ। ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ଭୋଇ ଛାତ୍ରଛାତ୍ରୀଙ୍କ ନିଜସ୍ୱ ପ୍ରତିଭାର ବିକାଶ ସହ ଉନ୍ନତ ଚରିତ୍ର ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ର ଜୀବନ ମଣିଷ ହୋଇ ଗଢିହେବା ପାଇଁ ଶ୍ରେଷ୍ଠ ସମୟ। ଏହାକୁ ସଠିକ ଉପଯୋଗ ପାଇଁ ଶ୍ରୀ ଭୋଇ ପରାମର୍ଶ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ସହକାରୀ ମଙ୍ଗଳ ଅଧିକାରୀ ଅମିତା ମିଶ୍ର, ପ୍ରଭାତ କୁମାର ସିଂହ, ବିଭିନ୍ନ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଫଳତା ହାସଲ କରିଥିବା ଜନଜାତୀୟ ଛାତ୍ର ଛାତ୍ରୀ ଓ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ଜନଜାତି ବର୍ଗର ଛାତ୍ରଛାତ୍ରୀ ସେମାନଙ୍କ ବର୍ଗର ପରମ୍ପରା ସମ୍ପର୍କରେ ଉପସ୍ଥାପନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷକ ସତ୍ୟ ସୁନ୍ଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇ ଭକ୍ତଙ୍କ ସହାୟତାରେ ୪୯ ୟୁନିଟ ରକ୍ତ ସଂଗ୍ରହ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ବଡପାଳ ଆଠବାଟିଆସ୍ଥ ଶ୍ରୀଶ୍ରୀ ସାଇ ମନ୍ଦିର ପରିସରରେ ଶ୍ରୀସତ୍ୟସାଇ ବହୁମୁଖୀ ସେବା ସଂଗଠନ, ବଡ଼ଗାଁ, ଆଠବାଟିଆ ଓ ବଡପାଳ ସହାୟତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଇଭକ୍ତ କର୍ମକର୍ତ୍ତା ଅନନ୍ତ ଚରଣ ଦାସ, ପ୍ରଫୁଲ୍ଲ ମହାପାତ୍ର, ଲକ୍ଷ୍ମୀଧର ଲେଙ୍କା, ସ୍ମୃତି ବାରିକ, ବିଶ୍ୱଜିତ୍ ବେହେରା, ରମେଶ ଦାସ, ସରିତା ବେହେରା, ଅଞ୍ଜନା ବେହେରା, ଥାଲାସେମିଆ ୱେଲଫାର ଫୋରମ୍ କଟକର ପ୍ରଣବ କିଶୋର ସାମଲ ପ୍ରମୁଖ ପରିଚାଳନା କରିବା ସହିତ ରକ୍ତଦାନ ଓ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର, କଟକର ଡ଼ା ସୌରଭ ଗୁପ୍ତା, ଡ଼ା ରାମ ପ୍ରସାଦ ରାୟଙ୍କ ତତ୍ୱାବଧାନରେ ୪୯ ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା। ରକ୍ତ ସଂଗ୍ରହରେ କେଦାର ନାଥ ସାହୁ, ବିଶ୍ୱଜିତ୍ ସାହାଣୀ, ମୃତ୍ୟୁଞ୍ଜୟ ବେଜ୍, ପିତାମ୍ବର ଜେନା ଓ ସଞ୍ଜୟ ପାତ୍ର ପ୍ରମୁଖ ଟେକ୍ନିସିଆନମାନେ ସହଯୋଗ କରିଥିଲେ।

## ବିଶ୍ୱସନୀୟତା ହେଉଛି ସାମ୍ବାଦିକର ଆତ୍ମା: ପ୍ରଫେସର ମୃଣାଳ ଚାଟାର୍ଜୀ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**




ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଏହି ସ୍ତମ୍ଭକୁ ମଜବୁତ ରଖିବାକୁ ହେଲେ ଏହାର ମୂଳଦୁଆ ହେଉଛି ବିଶ୍ୱସନୀୟତା। ଗଣମାଧ୍ୟମ ଏପରି ଏକ ଶକ୍ତିଶାଳୀ ମାଧ୍ୟମ ଯାହା ଗଣତନ୍ତ୍ରର ଅନ୍ୟ ୩ଟି ସ୍ତମ୍ଭ ଉପରେ ନଜର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ରବିବାର ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ-୨୦୨୫ ପାଳନ ଅବସରରେ ବକ୍ତାମାନେ ଏହି ମତ ପ୍ରକାଶ କରିଛନ୍ତି। ପ୍ରେସ ଦିବସର ସ୍ଥିରୀକୃତ ଆଲୋଚ୍ୟ ବିଷୟବସ୍ତୁ "ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ" ଉପରେ ଆଲୋଚନା କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ କୌର ସହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିବର୍ତ୍ତନ ସହ ତାଳ ଦେଇ ନିରପେକ୍ଷ, ନିଜସ୍ୱ ମତ ସଂପନ୍ନ ଓ ମାନବିକତାପୂର୍ଣ୍ଣ ଏବଂ ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ ପ୍ରସ୍ତୁତି ଉପରେ ମୁଖ୍ୟ ଅତିଥି କିରଣଦୀପ କୌର ସହୋତା ଗୁରୁତ୍ୱାରୋପ କରିଥିଲେ। ଫନି ସମୟରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ସେ କହିଥିଲେ, ଗଣମାଧ୍ୟମର ପ୍ରତିନିଧିମାନେ ହିଁ ବନ୍ୟା, ବାତ୍ୟା ସମୟରେ ଖୁବ ଧୈର୍ଯ୍ୟର ସହ ସେମାନଙ୍କ ଦାୟିତ୍ୱ ନିର୍ବାହ କରି ଲୋକଙ୍କ ନିକଟରେ ସଠିକ ଖବର ପହଞ୍ଚାଇବା ସହ ଭ୍ରମାତ୍ମକ ତଥ୍ୟ ଠାରୁ ଦୂରେଇ ରଖିଥାନ୍ତି। ସମାରୋହରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଯୋଗ ଦେଇଥିଲେ। ଗଣମାଧ୍ୟମକୁ ଏକ ଶକ୍ତିଶାଳୀ ସ୍ୱରରେ ପରିଣତ କରିବା ପାଇଁ ଅବିରତ ଚେଷ୍ଟିତ ସାମ୍ବାଦିକମାନେ ସର୍ବଦା ସତ୍ୟକୁ ସମାଜ ଆଗରେ ପରିବେଷଣ କରିବାର ଦାୟିତ୍ୱ ନିର୍ବାହ କରିବା ଉଚିତ ବୋଲି ଶ୍ରୀ ଟପୋ କହିଥିଲେ। ସାମ୍ବାଦିକମାନଙ୍କ ଲେଖନୀ ସମାଜର ବିଭିନ୍ନ ଦିଗକୁ ପ୍ରତିଫଳିତ କରୁ ଓ ସମାଜର ଉନ୍ନତି ସାଧନ ଦିଗରେ ସହାୟକ ହେଉ ବୋଲି ସେ ମତବ୍ୟକ୍ତ କରିଥିଲେ। ସମାରୋହରେ ମୁଖ୍ୟ ବକ୍ତା ଭାବେ ଭାରତୀୟ ଜନସଂଚାର ସଂସ୍ଥାନର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପ୍ରାଧ୍ୟାପକ ଡ ମୃଣାଳ ଚାଟାର୍ଜୀ ଯୋଗ ଦେଇଥିଲେ। ବିଶ୍ୱସନୀୟତା ହେଉଛି ସାମ୍ବାଦିକତାର ଆତ୍ମା। କୃତ୍ରିମ ମେଧା କେବେହେଲେ ମଣିଷପଣିଆ ଓ ଭଲପାଇବାର ସ୍ଥାନ ନେଇ ପାରିବ ନାହିଁ। ଏବେ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଖବରକୁ ବିଶ୍ୱସନୀୟ ଓ ମହତ୍ତ୍ୱପୂର୍ଣ୍ଣ କରିବାର ଦାୟିତ୍ୱ ମଧ୍ୟ ସମାନ ଭାବରେ ବୃଦ୍ଧି ପାଇଛି। ସଠିକ ତଥ୍ୟ ପ୍ରମାଣ ଯାଂଚ ପୂର୍ବକ ଲୋକଙ୍କ ନିକଟରେ ଖବର ପହଞ୍ଚାଇବାର ଗୁରୁ ଦାୟିତ୍ୱ ସାମ୍ବାଦିକମାନଙ୍କର ରହିଛି ବୋଲି ଡ ଚାଟାର୍ଜୀ ମତବ୍ୟକ୍ତ କରିଥିଲେ। ବର୍ତ୍ତମାନ ଇଣ୍ଟରନେଟର ଯୁଗରେ ଭ୍ରମାତ୍ମକ ଖବରର ସୁନାମୀ ଆରମ୍ଭ ହୋଇଯାଇଛି, ଯାହାକି ସାମାଜିକ ଗଣମାଧ୍ୟମ ଜରିଆରେ ଖୁବ ସହଜରେ ଲୋକଙ୍କ ନିକଟରେ ପହଞ୍ଚି ପାରୁଛି। ତେଣୁ ଗଣମାଧ୍ୟମ ସାକ୍ଷରତା ଏବଂ ଜନସାଧାରଣଙ୍କ ମଧ୍ୟରେ ଭ୍ରମାତ୍ମକ ଖବର ଯାଂଚ କରିବାର କ୍ଷମତା ବୃଦ୍ଧି କରିବାର ମଧ୍ୟ ଆବଶ୍ୟକତା ରହିଛି ବୋଲି ଡ ଚାଟାର୍ଜୀ କହିଛନ୍ତି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ନଦୀରେ ନିଖୋଜ ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅନ୍ତର୍ଗତ ଦେବୀ କନ୍ଦଳ ଦୀପାଞ୍ଚଳ ଏରଞ୍ଚ ନିକଟ ଦେବୀ ନଦୀର ଏକ ନମ୍ବର ଗୁରୁଜ ନିକଟରେ ଗତ ଶନିବାର ଦିନ ନିଖୋଜ ହୋଇଥିବା ବୃଦ୍ଧ ବ୍ୟକ୍ତିଙ୍କର ମୃତ ଦେହ ରବିବାର ଦିନ ଓଡ୍ରାଫ ଟିମ୍ ଓ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇଛି। ସୂଚନା ମୁତାବକ ଶନିବାର ଅପରାହ୍ନ ଚାରିଟା ସମୟରେ ଗାଧୋଉ ଥିବା ବେଳେ ଦେବୀ ନଦୀରେ ଏରଞ୍ଚ ଗ୍ରାମର ପ୍ରତାପ ଭୋଇ (୭୫) ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ନଦୀ ତୁଠରେ ତାଙ୍କର ପିନ୍ଧା ବସ୍ତ୍ର ଦେଖି ପୋଲିସକୁ ଖବର ଦେଇଥିଲେ। ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀଙ୍କ ସହ ନିଆଳି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର ଖୋଜ ଖବର ପାଇନଥିଲେ। ଅନ୍ଧାର ହୋଇଯିବାରୁ ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କାର୍ଯ୍ୟ ବନ୍ଦ କରିଥିଲେ। ପୁଣି ରବିବାର ଦିନ ସକାଳେ ତଲାସି ଅଭିଯାନ ଆରମ୍ଭ କରିଥିଲେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ କର୍ମଚାରୀ। କିଛି ସମୟ ଖୋଜାଖୋଜି କରିବା ପରେ ପ୍ରତାପ ଭୋଇଙ୍କ ମୃତ ଦେହକୁ ଉଦ୍ଧାର କରିଥିଲେ। ପରିବାର



ପାଖରେ ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି ଏବଂ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ଏ ନେଇ ନିଆଳି ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ୧୩/୨୦୨୫ ମାମଲା ରୁଜୁ କରି ମୃତ ଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ନିଆଳି ଥାନା ଅଧିକାରୀ ଦିଲ୍ଲୀପ କୁମାର କାଣ୍ଡି ସୂଚନା ଦେଇଛନ୍ତି।

## ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ରକ୍ତତୀର୍ଥ ଇରମର ବଳିଦାନ ଅବିସ୍ମରଣୀୟ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**




ଭଦ୍ରକ ଭୂମି ତ୍ୟାଗ,ତିତିକ୍ଷା, ସଂଗ୍ରାମ ଓ ବଳିଦାନର ଭୂମି ଏବଂ ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ଭଦ୍ରକ ସୁବର୍ଣ୍ଣ ସ୍ୱାକ୍ଷର ରଚିଛି। ସ୍ୱାଧୀନତା ସଂଗ୍ରାମରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ସ୍ଥିତ ଇରମ ଅଂଚଳର ଭୂମିକା ଓ ବଳିଦାନ ଅଭୂତପୂର୍ବ, ଅବିସ୍ମରଣୀୟ। ଇରମ ମାଟିର ଜାତୀୟ କବି ବାଞ୍ଛାନିଧି ମହାନ୍ତି ଯେପରି ଜାତୀୟତାବାଦୀ ସଂଗୀତର ସାରସ୍ୱତ ଝଙ୍କାର ତୋଳି ସ୍ୱାଧୀନତା ସଂଗ୍ରାମକୁ ତେଜୀୟାନ କରିଥିଲେ ସେପରି ସେହି ଅଂଚଳର ସ୍ୱାଧୀନତା ସଂଗ୍ରାମୀ ଆନ୍ଦୋଳନର ଯଜ୍ଞ ବେଦୀରେ ନିଜକୁ ଉତ୍ସର୍ଗ କରି ଭଦ୍ରକ ଭୂମିକୁ ବୀର ତଥା ତ୍ୟାଗଭୂମି ଭାବେ ଅଭିହିତ କରିଅଛନ୍ତି ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ଷଷ୍ଠ ସନ୍ଧ୍ୟାକୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ଐତିହାସିକ ସ୍ମାରକୀ: ସ୍ୱାଧୀନ ବାଞ୍ଛାନିଧି ଚକଲା' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ଉପସଭାପତି ଡାକ୍ତର ଅନୀଲ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ର ବିଶିଷ୍ଟ ଅତିଥି,ଅବସର ପ୍ରାପ୍ତ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ ମୁଖ୍ୟ ବକ୍ତା, ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର ବରେଣ୍ୟ ବକ୍ତା, ପ୍ରଧାନ ଶିକ୍ଷକ ଅଜୟ କୁମାର ପୃଷ୍ଟି, ଓଡ଼ିଶା ହସ୍ତଶିଳ୍ପ କାରିଗର ସଂଘ ସଭାପତି ଉଦୟନାଥ ମହାନ୍ତି, କବୟିତ୍ରୀ ମମତା ବଳ ଅଧ୍ୟାପିକା ଦେବସ୍ମିତା ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ରବି ନାରାୟଣ ଖିଲାର ଅତିଥି ପରିଚୟ, ଆବାହକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ ଏବଂ ମହୋତ୍ସବ ସହ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମଲ୍ଲିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅଧିବେଶନ ପୂର୍ବରୁ ଭଦ୍ରକ ଇନର ହୁଇଲ କ୍ଲବ ଆନୁକୂଲ୍ୟରେ ମହିଳାମାନଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ନେହଲତା ବେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ଝରଣା ପଟ୍ଟନାୟକ ମୁଖ୍ୟ ଅତିଥି, ଇଂ. ଅବନ୍ତୀ ମଲ୍ଲିକ, ରଶ୍ମିରେଖା ପରମାଣିକ, ପ୍ରଣତି ମଲ୍ଲିକ, ରଶ୍ମିତା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ।କବୟିତ୍ରୀ ମନୋରମା ରାୟ ମାନପତ୍ର ପାଠ କରିଥିଲେ। ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ନାରାୟଣ ପାଢ଼ୀ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ।

## ନୂଆପଡା ଉପନିର୍ବାଚନରେ ବିଜୟ ପାଇଁ ଅଭିନନ୍ଦନ

**କେନ୍ଦ୍ରାପଡା:ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ଭୋଟରେ ବିଜୟୀ ହୋଇଥିବାରୁ ମହାକାଳପଡା ବିକାଶ ମଞ୍ଚ ପକ୍ଷରୁ ବିଜୟ ଉତ୍ସବ ପାଳନ କରିଛନ୍ତି। ଏହି ଅବସରରେ ବିକାଶ ମଞ୍ଚର ସଭାପତି ପରିବେଶବିତ୍ କାଶିନାଥ ରାଉତରାୟ, ସମ୍ପାଦକ ଭାଗିରଥି ନନ୍ଦ, ମଞ୍ଚର ସଦସ୍ୟ ବିଚିତ୍ରା ନନ୍ଦ ବାରିକ, ହେମନ୍ତ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ସେକ୍ ଆନଜାନ୍, ଯୁବ ସମାଜ ସେବୀ ଅକ୍ଷୟ ତରାଇ, ମନୋରଞ୍ଜନ ଜେନା, ବିଶ୍ୱନାଥ ରାଉତରାୟ, ବିଶ୍ୱଜିତ ମହାପାତ୍ର, ଧନେଶ୍ୱର ସେଠୀ, ନଗେନ୍ଦ୍ର ଚୌଧୁରୀ, ନିରଞ୍ଜନ ଓଝା, ଇଶ୍ୱର ଚନ୍ଦ୍ର ବେହେରା, ଶ୍ରୀକାନ୍ତ ଜେନା, ପ୍ରାର୍ଥ ସାରଥି ସାମନ୍ତରାୟ, ଅରକ୍ଷୀତ ଦାସ, ପ୍ରଦୀପ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଡଃ ଦୁର୍ଗା ପ୍ରସନ ନାୟକ ଓ ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶୁଭ ଅଭିନନ୍ଦନ ଜ୍ଞାପନ କରିବା ସହ ନୂଆପଡା ବାସିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ ଦିବସ

**ଭଦ୍ରକ:** ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ଜିଲ୍ଲା ସଂସ୍କୃତି ଭବନ ଠାରେ ପାଳନ କରାଯାଇଛି। ପ୍ରେସ୍‌ର ସ୍ୱାଧୀନତା, ପତ୍ରକାରିତାର ସତ୍ୟତା ଓ ଦାୟିତ୍ୱପୂର୍ଣ୍ଣ ସମାଜ ଗଢ଼ିବାରେ ଗଣମାଧ୍ୟମର ଅସମାନ୍ୟ ଭୂମିକାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୧୬ ନଭେମ୍ବରରେ ଏହି ଦିବସ ପାଳନ ହୁଏ। ଦେଶରେ ବଢୁଥିବା ତଥ୍ୟ ବିକୃତି, ଭ୍ରାନ୍ତିସୂଚନା ଓ ସୋସିଆଲ୍ ମିଡିଆର ଚାପ ମଧ୍ୟରେ ଗଣମାଧ୍ୟମର ବିଶ୍ୱସନୀୟତାକୁ ଶକ୍ତିଶାଳୀ କରିବା ଏହି ବିଷୟର ମୂଳ ଲକ୍ଷ୍ୟ। ଜାତୀୟ ପ୍ରେସ୍ ଦିବସ ଅତୀତକୁ ସ୍ମରଣ କରିବା ପାଇଁ ମାତ୍ର ନୁହେଁ- ଏହା ଗଣମାଧ୍ୟମକୁ ନୀତି, ସତ୍ୟ, ସାହସ ଓ ସାମାଜିକ ଦାୟିତ୍ୱର ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିବା ଦିବସ। ୧୯୬୬ ମସିହାରେ ଏହି ଦିନରେ ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ କାର୍ଯ୍ୟକ୍ଷମ ହୋଇଥିବାରୁ ଏହାକୁ ଗଣମାଧ୍ୟମ ଦିବସ ଭାବେ ମାନ୍ୟତା ଦିଆଯାଇଛି। ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଏବଂ ଭଦ୍ରକ ଜିଲ୍ଲାର ଅନେକ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଆଜିର ଆଲୋଚ୍ୟ ବିଷୟ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତା ସଂରକ୍ଷଣ' ଉପରେ ଉପସ୍ଥିତ ଥିବା ସମସ୍ତ ସାମ୍ବାଦିକ ଓ ଅନ୍ୟ ଅଧିକାରୀମାନେ ନିଜ ନିଜର ମତ ରଖିଥିଲେ ଏବଂ ନିରପେକ୍ଷ ପତ୍ରକାରିତା ପାଇଁ ସମସ୍ତ ସାମ୍ବାଦିକମାନଙ୍କୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଦଶପଲ୍ଲା:** ପ୍ରେସ କ୍ଲବ ଦଶପଲ୍ଲା ପକ୍ଷରୁ ରବିବାର ଦିନ ଜାତୀୟ ପ୍ରେସ ଦିବସ କ୍ଲବର ନିଜସ୍ୱ ଗୃହ ପରିସରରେ ପାଳିତ ହୋଇ ଯାଇଛି। ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏନଏସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ଉଦଘାଟନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟ ଅତିଥି ଆସନ ଅଳଙ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ସିଏଚସିର ଡା. ସନ୍ଦୀପ କୁମାର ସ୍ୱାଇଁ, ମହାବୀର ବଣିକ ମହାସଂଘର ସଭାପତି ଅଲେଖ ସାହୁ ଯୋଗ ଦେଇଥିଲେ। ବକ୍ତା ଭାବେ ଦଶପଲ୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଏବଂ ତମନ୍ନା କଲେଜର ଓଡ଼ିଆ ଅଧ୍ୟାପିକା ସୁକୃତି ମହାପାତ୍ର ଯୋଗ ଦେଇ ସାମ୍ବାଦିକତା ଆରମ୍ଭ କେବେଠାରୁ ହେଲା ସେ ସମ୍ପର୍କରେ ଆଲୋଚନା କରିଥିଲେ। ପୁରାଣ ଶାସ୍ତ୍ର ଉପରେ ଆଲୋଚନା କରି ନାରଦଙ୍କୁ ଜଣେ ସମ୍ବାଦଦାତା ବୋଲି ଅଭିହିତ କରିବା ସହ ତ୍ରେତୟା ଯୁଗରେ ଜଟାୟୁ ଏବଂ ହନୁମାନଙ୍କୁ ମଧ୍ୟ ଜଣେ ଜଣେ ସାମ୍ବାଦିକ ବୋଲି ପ୍ରମାଣ କରିଥିଲେ। ସାମ୍ବାଦିକମାନଙ୍କ ସର୍ବନିମ୍ନ ଦାବିଗୁଡିକ ପ୍ରତି ସରକାର ବିଚାର କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ କରିଥିବା ବେଳେ ସମ୍ପାଦକ ଡା. ପ୍ରଫୁଲ୍ଲ କୁମାର ଦାଶ ବିବରଣୀ ପାଠ କରିଥିଲେ। ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରକାଶ କୁମାର ପାଣି, ମନୋରଞ୍ଜନ ଷଡ଼ଙ୍ଗୀ, ଗଙ୍ଗାଧର ରଣା, କିଶୋର ଚନ୍ଦ୍ର ସାହୁ, ରତ୍ନାକର ହୋତା ସଂଜୀବ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମାଲକାନଗିରି:** ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମଞ୍ଚାସୀନ ଥିଲେ। ଜାତୀୟ ପ୍ରେସ ଦିବସ ଦିନଟି ଗଣମାଧ୍ୟମର ସ୍ୱାଧୀନତା ଏବଂ ସମାଜ ପ୍ରତି ଦାୟିତ୍ୱର ପ୍ରତୀକ ଅଟେ। ଏହି ଦିନ ହିଁ ପ୍ରେସ କାଉନସିଲ ଅଫ୍ ଇଣ୍ଡିଆ କାର୍ଯ୍ୟ ଆରମ୍ଭ କରିଥିଲା। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହେଉଛି ଗଣମାଧ୍ୟମ। ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ। ଯଦି ଏହି ପ୍ରହରୀ ନିଜ କର୍ତ୍ତବ୍ୟରେ ହେଳା କରନ୍ତି ତେବେ ସମାଜ ଆଗକୁ ପଢ଼ିପାରିବ ନାହିଁ। ଦେଶର ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ସ୍ୱାଧୀନୋତ୍ତର ଭାରତ ବର୍ଷର ନବ ନିର୍ମାଣ କ୍ଷେତ୍ରରେ ଭାରତୀୟ ଗଣମାଧ୍ୟମର ଭୂମିକା ଅତୁଳନୀୟ। ଦେଶ ନିର୍ମାଣ ସହିତ ଦେଶର ପ୍ରଗତି ପଥରେ ଗଣମାଧ୍ୟମର ଅବଦାନ ଯୋଗୁଁ ଆଜି ଗଣମାଧ୍ୟମ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି ବୋଲି ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏକ ସୁସ୍ଥ ଗଣତନ୍ତ୍ର ରାଷ୍ଟ୍ର ପାଇଁ ସ୍ୱଚ୍ଛ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ କରିବା ସମସ୍ତଙ୍କର ଗୁରୁ ଦାୟିତ୍ୱ ହେବା ଦରକାର। ସେହିପରି ଆଜିର ସମୟରେ ସୋସିଆଲ ମିଡ଼ିଆ ଦ୍ୱାରା ସାମ୍ବାଦିକତା ବୃତ୍ତିରେ ଅନେକ ପ୍ରଭାବ ପଡିଛି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ନିରପେକ୍ଷ ଓ ସତ୍ୟ ଭିତ୍ତିକ ସମ୍ବାଦ ଦ୍ୱାରା ଲୋକଙ୍କ ନିକଟତର ହୋଇପାରିବା ବୋଲି ସମସ୍ତେ କହିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜାତୀୟ ପ୍ରେସ ଦିବସ ଉପଲକ୍ଷେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରୀୟ ଆୟୋଜିତ ବକ୍ତୃତା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ।

**ଯାଜପୁର:** ଆଜି ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା କହିଲେ ଗଣମାଧ୍ୟମ ବନ୍ଧୁମାନଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ଦିନ। ଏହି ଦିବସରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମିଡିଆର ସମସ୍ତ ପ୍ରତିନିଧିଙ୍କୁ ପ୍ରେସ ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କହିଲେ ସମ୍ବାଦ ପରିବେଷଣରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ସତ୍ୟ ଓ ମତାମତ ଆଧାରିତ ସକାରାତ୍ମକ ସମ୍ବାଦ ପରିବେଷଣ ଉପରେ ମତ ବ୍ୟକ୍ତ କରିଥିଲେ। ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଗଣମାଧ୍ୟମର ସହଯୋଗରେ ଜିଲ୍ଲା, ରାଜ୍ୟ ଓ ଦେଶର ଉନ୍ନତି ହୋଇପାରିବ। ନିର୍ଭୀକ ଓ ସତ୍ୟ ସମ୍ବାଦ ଉପସ୍ଥାପନ କରିବାକୁ ମତ ରଖିଥିଲେ। ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଗଣମାଧ୍ୟମ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଏକ ସେହି ସଂସ୍ଥା, ଯାହା ଜନମତକୁ ଗଢ଼ିଥାଏ, ଜନମନକୁ ଜାଗରୁକ କରିଥାଏ ଓ ଶାସନକୁ ଜବାବଦେହୀ ରଖିଥାଏ। ବର୍ତ୍ତମାନ ସୋସିଆଲ ମିଡ଼ିଆ ଯୁଗରେ ସମ୍ବାଦ ପରିବେଷଣର ପ୍ରତିଯୋଗିତା ବଢ଼ି ଯାଇଛି। ଜାତୀୟ ପ୍ରେସ ଦିବସ ଅବସରରେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ପ୍ରସଙ୍ଗରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣ ପତ୍ର ପ୍ରଦାନ ଓ ଫଳ ଚାରା ବଣ୍ଟନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକମାନେ ନିଜ ନିଜର ଅଭିବ୍ୟକ୍ତି ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଭା ପରିଚାଳନା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବ୍ରହ୍ମପୁର:** ଜାତୀୟ ପ୍ରେସ ଦିବସ ଅବସରରେ ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷରେ ଛତ୍ରପୁର ପ୍ରେସ କ୍ଲବ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଯୋଗଦେଇ ଗଣମାଧ୍ୟମ ଜନସାଧାରଣ ଏବଂ ପ୍ରଶାସନ ମଧ୍ୟରେ ସଂଯୋଗ କରୁଥିବା ଏକ ସେତୁ ବୋଲି କହିବା ସହ ଭ୍ରମାତ୍ମକ ଖବରଠାରୁ ଦୁରେଇ ରହିବା ସହ ସତ୍ୟା ଓ ନିର୍ଭିକ ଖବର ପ୍ରସାରଣ ଉପରେ ମତପୋଷଣ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ଗଞ୍ଜାମ ଜିଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ଯୋଗଦେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହେଉଛନ୍ତି ସାମ୍ବାଦିକ। ତେଣୁ ସେମାନେ ସମାଜରେ ବିଭିନ୍ନ ପ୍ରସଙ୍ଗରେ ସଚେତନତା ଓ ସଂସ୍କାର ଆଣିବାରେ ପ୍ରମୁଖ ଭୂମିକା ରହିଥାଏ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭି. ରାଜେନ୍ଦ୍ର ରାଜୁ ଆଜିକା ଡିଜିଟାଲ ଦୁନିଆରେ ଏଆଇ କୁପ୍ରଭାବ ପକାଉଛି ତାହା କହିଥିଲେ। ସାମ୍ବାଦିକମାନେ କୌଣସି ଚାପର ବଂଶବର୍ତ୍ତୀ ନହୋଇ ସଠିକ ଖବର ପରିବେଷଣ କରିବାକୁ କହିଥିଲେ। ଛତ୍ରପୁର ପ୍ରେସ କ୍ଲବର ସଭାପତି ସରୋଜ ସାମଲ ନିଜ ବକ୍ତବ୍ୟରେ ସତ୍ୟ ଖବର ଉପରେ ଗୁରୁତ୍ୱ ଦେଇ ମିଥ୍ୟା ଖବର ଓ ଭ୍ରମାତ୍ମକ ଖବର ଠାରୁ ଦୁରେଇ ରହିବା ସହ ସରକାର ନିକଟରେ ସାମ୍ବାଦିକ ମାନଙ୍କୁ ପେନସନ ଯୋଜନା ସମେତ ସେମାନଙ୍କ ବାପା ଓ ମା'ମାନଙ୍କୁ ସ୍ୱାସ୍ଥ୍ୟ ବୀମା ସାମିଲ କରିବାକୁ ଦାବୀ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରିଣୀ ରଶ୍ମୀରାଣୀ ନିମାକ ସଂଯୋଜନା କରିଥିବା ବେଳେ ବ୍ରହ୍ମପୁର ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା, ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର ତରାଇ, ବରିଷ୍ଠ ସାମ୍ବାଦିକ ଦୁର୍ଗାମାଧବ ପାଣିଗ୍ରାହୀ ପ୍ରମୁଖ ମଚାଂସିନ ରହି ଆଜିର ଦିବସ ଉପରେ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ମହାନ୍ତି, ପ୍ରଶାନ୍ତ ମହାରଣା, ସମୀର ଆଚାର୍ଯ୍ୟ ଓ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଆଜିର ଦିବସ ଉପରେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଶେଷରେ ଛତ୍ରପୁର ପ୍ରେସ କ୍ଲବ ଉପସଭାପତି ପ୍ରଦୀପ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସ୍ୱେରେଜ ମ୍ୟାନହୋଲ ଭାଙ୍ଗୁଛି ବିଲଡର: ନିଦାବିଷ୍ଟୁ ସାଜିଛି ୱାଟକୋ

**ଭୁବନେଶ୍ୱର:ପ୍ରଦୀପ୍ତ କୁମାର ଦାସ**

ରାଜଧାନୀର ବିଭିନ୍ନ ଅଂଚଳରେ ଥିବା ସ୍ୱେରେଜ ମ୍ୟାନହୋଲ ଚାମ୍ବରଗୁଡିକର ଯତ୍ନ ଓ ରାକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଛି ୱାଟର କର୍ପୋରେସନ ଅଫ ଓଡ଼ିଶା ତଥା ୱାଟକୋ। ତେବେ ଏହାକୁ ଅତ୍ୟାବଶ୍ୟକୀୟ ସେବା ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ସୁତରାଂ ନିରବଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ବିଶେଷକରି ଏହାର ଉପୋଭୋକ୍ତମାନଙ୍କୁ ଗୁଣାତ୍ମକମାନର ସ୍ୱେରେଜ ସେବା ଯୋଗାଣ କ୍ଷେତ୍ରରେ ଏହାର ସୁପରିଚାଳନା ଦାୟିତ୍ୱ ମଧ୍ୟ ନେଇଛି ୱାଟକୋ। ତେବେ ଏହି ଚାମ୍ବର ଗୁଡିକର ସୁରକ୍ଷା ଓ ନିରାପତ୍ତା ଦିଗରେ ଯେଉଁସବୁ ସତର୍କତା ଓ ପ୍ରତିଷେଧକମୂଳକ ପଦକ୍ଷେପମାନ ଗ୍ରହଣ କରିବା କଥା ସେଥିରୁ ୱାଟକୋ ବିଚ୍ୟୁତ ହେଉଛି ବୋଲି ଉପଭୋକ୍ତା ମହଲରେ ଅଭିଯୋଗ ହୋଇଛି। ଏ କ୍ଷେତ୍ରରେ ଆବଶ୍ୟକ ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଡିଓ (ଏସ୍‌ଓପି)ର ସଠିକ ଭାବେ ପାଳନ କରିବା କ୍ଷେତ୍ରରେ ୱାଟକୋ ଏକ ପ୍ରକାର ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଫଳରେ ଭୁବନେଶ୍ୱର ସ୍ମାର୍ଟ ସିଟିର କେତେକ ସ୍ଥାନରେ ଏହି ସବୁ ମୂଲ୍ୟବାନ ସରକାରୀ ତଥା ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଉଛି। ପରିଣାମ ସ୍ୱରୂପ କୋଟିକୋଟି ଟଙ୍କା ମୂଲ୍ୟର ଲୋକଙ୍କ ଟିକସ ଅର୍ଥ ମଧ୍ୟ ବର୍ବାଦ ହେବା ସହ ଅନେକସମୟରେ ଅପ୍ରତ୍ୟାଶିତ ଭାବେ ଦୁର୍ଘଟଣାମାନ ଘଟିବା ଯୋଗୁଁ ଲୋକଙ୍କ ଧନ ଓ ଜୀବନ ମଧ୍ୟ ବିପର୍ନ ହେଉଛି। ଅଥଚ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ କ୍ଷେତ୍ର ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ଏଥିପ୍ରତି ଯତ୍ନବାନ ହେବା ପରିବର୍ତ୍ତେ ଅବହେଳା କରୁଥିବା ଦେଖାଯାଉଛି।

ଅନେକ ସ୍ଥାନରେ ଥିବା ସ୍ୱେରେଜ ମ୍ୟାନହୋଲ ଚାମ୍ବର ଉପରେ ଅସାଧୁ ଓ ଖଳ ପ୍ରକୃତିର ଗାଡ଼ିଚାଳକମାନେ ଅତି ବେପରୁଆ ଭାବେ ମାଲ ବୋଝେଇ ଭାରୀଯାନ ଚଳାଇବା ଯୋଗୁଁ ସେଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହେଉଛି। ଏହି କାରଣରୁ କେଉଁଠି ଚାମ୍ବର ଢାଙ୍କୁଣି/ଘୋଡ଼ଣି ଭାଙ୍ଗିରୁଜି ଭିତରକୁ ଦବି ଯାଉଛି ତ କେଉଁଠି ଏହା ଖୋଲାମେଲା ଅବସ୍ଥାରେ ଥିବା ଦେଖାଯାଉଛି। କିଛି ସ୍ଥାନରେ ଚାମ୍ବର ଧସିଯାଇ ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା ମଧ୍ୟ ଦେଖିବାକୁ ମିଳୁଛି। ଏ ସବୁ କାରଣରୁ ଏପରି କେତେକ ସ୍ଥାନରେ ଅତି ବିପଦ ସଂକୁଳ ଅବସ୍ଥାରେ ପ୍ରଭାବିତ ମ୍ୟାନହୋଲ ଚାମ୍ବରଗୁଡିକ ରହିବା ଫଳରେ ବିଭିନ୍ନ ସମୟରେ ଲୋକେ ଯାତାୟାତ କଲା ବେଳେ ହଠାତ ଜାଣିନପାରି ଆକସ୍ମିକ ଦୁର୍ଘଟଣାର



ଶିକାର ହୋଇଥିବାର ଅନେକ ନଜିର ମଧ୍ୟ ରହିଛି। ଏହାବାଦ କିଛି ସ୍ଥାନରେ ସ୍ୱେରେଜ ନଳାରେ ଉକ୍ତ କଠିନ ଭଗ୍ନାଂଶ ପଡି ଜାମ ହେବା ଫଳରେ ମଳ ନିଷ୍କାସନ ବାଧାପ୍ରାପ୍ତ ମଧ୍ୟ ହେଉଛି। ବିଭାଗୀୟ କ୍ଷେତ୍ର ଅଧିକାରୀମାନେ ବିଧିସମ୍ମତ ଭାବେ ନିୟମିତ ବ୍ୟବଧାନରେ ନିଜ ନିଜର କ୍ଷେତ୍ର ପରିଦର୍ଶନ କରୁନଥିବାରୁ ଏସବୁ ବାବଦରେ ସୁଅବଗତ ହୋଇପାରୁନାହାନ୍ତି। କେବଳ ସ୍ଥାନୀୟ ଉପଭୋକ୍ତାଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେଲେ ଯାଇ ସମ୍ପୃକ୍ତ ଅଧିକାରୀମାନେ ଆବଶ୍ୟକ ସ୍ଥଳେ ସ୍ୱୀକୃତିପ୍ରାପ୍ତ ଠିକାଦାରଙ୍କ ଜରିଆରେ କ୍ଷତି ହୋଇଥିବା ଚାମ୍ବରର ମରାମତି କିମ୍ବା ପୁନଃରୁଦ୍ଧାର କରୁଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ବେଶ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। ଅନେକ କ୍ଷେତ୍ରରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଓ କ୍ଷେତ୍ର ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ଏଭଳି ଚାମ୍ବରକୁ ଭାଙ୍ଗି ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷ ତଥା ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଅବହେଳା କରୁଥିବା ଅଭିଯୋଗ ହୋଇଛି।

ଏହିକ୍ରମରେ ଏହାର ଏକ ନଜିର ଦେଖିବାକୁ ମିଳିଛି ସ୍ଥାନୀୟ ଲକ୍ଷ୍ମୀସାଗର ୱାଟକୋ ସେକ୍ସନ ଅନ୍ତର୍ଗତ ବୁଦ୍ଧେଶ୍ୱରୀ କଲୋନୀ ଅଂଚଳରେ। ସେଠାରେ ନିର୍ମାଣାଧୀନ ଥିବା ଏକ ଆପାର୍ଟମେଣ୍ଟର ନିର୍ମାତା ତଥା ବିଲଡରଙ୍କ ଦ୍ୱାରା ବ୍ୟବହୃତ କେତେକ ଭାରୀଯାନ ଦୀର୍ଘ ଦିନ ଧରି ସମ୍ପୃକ୍ତ ଅଂଚଳରେ ବିଳମ୍ବିତ ରାତିରେ ଯାତାୟାତ ହେଉଛି। ତନ୍ମଧ୍ୟରୁ ମନମୁଖୀ ଢଙ୍ଗରେ କେତେକ ଭାରୀଯାନ ଅତି ବେପରୁଆ ଭାବେ ଚାଳନା କରିବା ଦ୍ୱାରା ନିକଟରେ ଥିବା କେତେକ ସ୍ୱେରେଜ ମ୍ୟାନହୋଲ ଚାମ୍ବର ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। ଏନେଇ ବାରମ୍ବାର ସ୍ଥାନୀୟ ବାସିନ୍ଦା ତଥା ୱାଟକୋ ଉପଭୋକ୍ତାଙ୍କ ପକ୍ଷରୁ ଅଭିଯୁକ୍ତ ବିଲଡର କର୍ତ୍ତୃପକ୍ଷଙ୍କ ନିକଟରେ ଆପତ୍ତି କରାଯାଇ ଆସୁଥିଲେ ହେଁ ସେଥିରେ ସୁଧାର ହେଉନାହିଁ। ତେଣୁ ଏହି ମର୍ମରେ ଏଭଳି ସରକାରୀ ତଥା ସର୍ବସାଧାରଣଙ୍କ ସମ୍ପତ୍ତିକୁ ଭାଙ୍ଗି ନଷ୍ଟ କରୁଥିବା ଅଭିଯୁକ୍ତ ବିଲଡରଙ୍କ ବିରୋଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବା ପାଇଁ ଏହାର ଯତ୍ନ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ଇଲାକା କ୍ଷେତ୍ର ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ଉପରିସ୍ଥ ଯନ୍ତ୍ରୀ ଏବଂ ୱାଟକୋ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଗତ କିଛିଦିନ ଧରି କ୍ରମାଗତ ଭାବେ ଅଭିଯୋଗ ହୋଇ ଆସୁଛି। ନିକଟରେ ଏ ସମ୍ପର୍କରେ ୱାଟକୋ ଉପଭୋକ୍ତା ହେଲ୍ପଲାଇନରେ ଅଭିଯୋଗ ମଧ୍ୟ ଦରଜ କରାଯାଇଛି। ଏଥିସହ ୱାଟକୋ ଏମଡିଙ୍କୁ ଲିଖିତ ଭାବେ ଏହାର ପ୍ରତିକାର ପାଇଁ ମେଲ ଜରିଆରେ ଅଭିଯୋଗ ମଧ୍ୟ କରାଯାଇଛି। ବିଭାଗୀୟ ଡାଇରେକ୍ଟର ଅପରେସନଙ୍କୁ ଏହାର ପ୍ରତିକାର ପାଇଁ ମଧ୍ୟ ସୋସିଆଲ ମିଡ଼ିଆ ଜରିଆରେ ମେସେଜ ପ୍ରେରଣ କରାଯାଇଛି।

ଅପର ପକ୍ଷରେ ୱାଟକୋ ଏମଡି ଓ ଡାଇରେକ୍ଟର ଅପରେସନଙ୍କ ପ୍ରତିକ୍ରିୟା ଲୋଡ଼ାଯିବାରେ ଉଭୟ ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ମାତ୍ର ଅଦ୍ୟାବଧି ଏହାର ଆଶୁପ୍ରତିକାର କରିବା କ୍ଷେତ୍ରରେ ଆବଶ୍ୟକ ସୁଧାର ହୋଇନାହିଁ। ଏଭଳି ସ୍ଥିତିରେ ୱାଟକୋ ନିଦାବିଷ୍ଟୁ ସାଜିଛି ବୋଲି ସଚେତନ ଉପଭୋକ୍ତା ମହଲରେ ମତବ୍ୟକ୍ତ କରାଯାଇଛି।

